# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30th November - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଦେଶର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା ।

- ରାଜ୍ୟକୁ ମାର୍ଚ୍ଚ ୨୦୨୬ ମସିହା ସୁଦ୍ଧା ନକ୍ସଲମୁକ୍ତ କରାଯିବ; କହିଲେ ବି.ଏସ୍.ଏଫ୍. ଆଇ.ଜି. ।

- ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୨୦୨୭ ମସିହା ସୁଦ୍ଧା ଶେଷ ହେବା ନେଇ ସୂଚନା ଦେଲେ ଭୁବନେଶ୍ୱର ସାଂସଦ ।

ଏବଂ

- ଉଦ୍‌ଯାପିତ ହେଲା ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ।

*Desk*

# ଡି.ଜି.ପି. ସମ୍ମିଳନୀ

ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ସମ୍ମିଳନୀରେ ଆଜି ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ ଅଧିକାରୀଗଣ ସେମାନଙ୍କର ମତ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବୈଠକରେ ଉପସ୍ଥାପନ କରିଛନ୍ତି। ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦର ମୁକାବିଲା, ସାଇବର ସୁରକ୍ଷା, ବେଆଇନ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟାର ସମାଧାନ, ନିଶା କାରବାର ରୋକିବା, ମହିଳାଙ୍କ ବିରୁଦ୍ଧରେ ହିଂସା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ଚାଲିଛି। ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ୟାର ମୁକାବିଲା ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଚିଠା ପ୍ରସ୍ତୁତ ହେବାର ସମ୍ଭାବନା ରହିଛି। ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗ ଦେଇଛନ୍ତି। ଏହି ତିନିଦିନିଆ ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ, ସମ୍ମିଳନୀ ତଥା ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି।

*BBSR/R*

# ବି.ଏସ୍.ଏଫ୍. - ମାଓ

ଓଡ଼ିଶାକୁ ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ନକ୍ସଲମୁକ୍ତ କରିବାକୁ ପ୍ରୟାସ ଜାରି ରହିଛି ବୋଲି ବି.ଏସ୍.ଏଫ୍. ଆଇ.ଜି. ଚାରୁଧ୍ୱଜ ଅଗ୍ରଓ୍ୱାଲ୍ କହିଛନ୍ତି । ବି.ଏସ୍.ଏଫ୍. ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅଗ୍ରଓ୍ୱାଲ୍ କହିଛନ୍ତି, ଦେଶର ୩୮ଟି ଜିଲ୍ଲାରେ ମାଓବାଦୀ ସକ୍ରିୟ ରହିଛନ୍ତି । ସେଥିମଧ୍ୟରୁ ଓଡ଼ିଶାର ୭ଟି ଜିଲ୍ଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ଜାରି ରହିଛି । ଓଡ଼ିଶାରେ ବହୁତ କମ୍ ନକ୍ସଲ୍ ଥିବାବେଳେ ପ୍ରାୟତଃ ଛତିଗଡ଼ ଓ ଆନ୍ଧ୍ର କ୍ୟାଡର୍‌ର ମାଓବାଦୀ ସକ୍ରିୟ ରହିଛନ୍ତି । ବି.ଏସ୍.ଏଫ୍. ଆଇ.ଜି. କହିଛନ୍ତି, ଚଳିତ ବର୍ଷ ଓଡ଼ିଶାରେ ୨୪ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ବି.ଏସ୍.ଏଫ୍. ପକ୍ଷରୁ ନକ୍ସଲ ବିରୋଧୀ ଅଭିଯାନ ଜାରି ରହିବ । ଏଥିପାଇଁ ପୁଲିସ୍ ଓ ଗୁଇନ୍ଦା ସହ ସମନ୍ୱୟ ରଖି କାର୍ଯ୍ୟ କରାଯିବ । ମାଓବାଦୀ ଗତିବିଧି ଉପରେ ନଜର ରଖିବାପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଡ୍ରୋନ୍ ଓ ସାଟେଲାଇଟ୍ ସର୍ଭେଲାନ୍ସ ବ୍ୟବହାର କରାଯାଉଛି ବୋଲି ଶ୍ରୀ ଅଗ୍ରଓ୍ୱାଲ୍ କହିଛନ୍ତି ।

*Desk*

# ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଚାଲିଥିବା ମଧ୍ୟାହ୍ନ ଭୋଜନ ଯୋଜନାର ଖର୍ଚ୍ଚକୁ ସରକାର ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ଆସନ୍ତାକାଲିଠାରୁ ରାଜ୍ୟରେ ଲାଗୁହେବ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତ୍ୟେକଙ୍କ ପିଛା ୭ ଟଙ୍କା ୬୪ ପଇସା ଖର୍ଚ୍ଚ କରାଯିବ। ପୂର୍ବରୁ ଏହି ବର୍ଗର ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା। ସେଭଳି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାର ପ୍ରତ୍ୟେକଙ୍କ ପିଛା ୮ ଟଙ୍କା ୮୨ ପଇସା ମଧ୍ୟାହ୍ନ ଭୋଜନ ବାବଦରେ ଖର୍ଚ୍ଚ କରୁଥିଲେ।

*Desk*

# ଆଳୁ-ପିଆଜ ସଙ୍କଟ

ରାଜ୍ୟରେ ଖାଉଟିମାନଙ୍କ ଆଳୁ ଓ ପିଆଜର ଆବଶ୍ୟକତା ପୂରଣ ନିମନ୍ତେ ସାତୋଟି ରାଜ୍ୟରୁ ସରକାର ଆଳୁ ପିଆଜ ଆମଦାନୀ କରୁଛନ୍ତି। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବରୁ ରାଜ୍ୟକୁ ଆଳୁ ଆମଦାନୀ ହେଉଛି।

ଅନ୍ୟପକ୍ଷରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ପିଆଜ ଆମଦାନୀ ହେଉଥିବା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ରାଜ୍ୟରେ ଆବଶ୍ୟକ ପରିମାଣ ଆଳୁ ମହଜୁଦ୍ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଉତ୍ତରପ୍ରଦେଶରୁ ଆଳୁ ଆସିବା ଆରମ୍ଭ ହୋଇଛି ଏବଂ ରାଜ୍ୟରେ ଆଳୁ ସଙ୍କଟ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାର ପଞ୍ଜାବ ସରକାରଙ୍କ ସହ ଆଳୁ ଆମଦାନୀ ନେଇ ଯୋଗାଯୋଗରେ ଅଛନ୍ତି। ବଜାରରେ ଆଳୁ ଦର ବୃଦ୍ଧି ପାଇନାହିଁ ବୋଲି ସେ କହିଛନ୍ତି। ଚଢ଼ାଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇଦେଇଛନ୍ତି। ପଶ୍ଚିମବଙ୍ଗର ଆଳୁ ଉପରେ ଓଡ଼ିଶାର ନିର୍ଭରଶୀଳତା ହ୍ରାସ ପାଇଛି ବୋଲି ମନ୍ତ୍ରୀ ଡ. ପାତ୍ର କହିଛନ୍ତି। ଆସନ୍ତା ଦେଢ଼ବର୍ଷ ମଧ୍ୟରେ ଓଡ଼ିଶା ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

***IPR***

## ସେତୁ ସହବନ୍ଧନ ପ୍ରକଳ୍ପ

ରାଜ୍ୟରେ ଗତ ଜୁନ୍‌ରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୮ଟି 'ସେତୁ ସହବନ୍ଧନ' ପ୍ରକଳ୍ପ ନିର୍ମାଣ ହୋଇଛି । ଏହିଭଳି ଆହୁରି ୭୧ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି ବୋଲି ବିଭାଗ ପକ୍ଷରୁ

କୁହାଯାଇଛି । ସୂଚନା ଅନୁସାରେ, 'ସେତୁ ସହବନ୍ଧନ' ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହୋଇଛି । ଗ୍ରାମାଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ଯୋଗାଯୋଗ, କ୍ଷୁଦ୍ର ଜଳସେଚନ, ପାନୀୟ ଜଳ, ଗ୍ରାମୀଣ ଅର୍ଥନୀତି ଆଦିର ବିକାଶ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି ।

***BBSR/R***

# ମେଟ୍ରୋ ରେଳପ୍ରକଳ୍ପ ସମୀକ୍ଷା

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୨୦୨୭ ମସିହା ଡିସେମ୍ବର ମାସ ସୁଦ୍ଧା ଶେଷ ହେବ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଳୟରେ ସମୀକ୍ଷା ପରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨୦ଟି ଷ୍ଟେସନ୍ ସମେତ ୨୬ କିଲୋମିଟର ରେଳପଥ କାମ ହେବ । ରୁଟ୍‌ରେ ମୋଟ୍ ୧୩ଟି ଟ୍ରେନ୍ ଚଳାଚଳ କରିବ । ପ୍ରତ୍ୟେକ ଟ୍ରେନ୍‌ରେ ୩ଟି ଲେଖାଏଁ କୋଚ୍ ରହିବ ବୋଲି ସେ କହିଛନ୍ତି । ପ୍ରକଳ୍ପ ପାଇଁ ମୋଟ୍ ୬ ହଜାର ୨୫୬ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ୨୦୨୩ ମସିହା ନଭେମ୍ବର ମାସରୁ ଆଜି ସୁଦ୍ଧା ୪୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସାଂସଦ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପ ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହିତ ରାଜ୍ୟ ସରକାର ଓ ଦିଲ୍ଲୀ ମେଟ୍ରୋ ନିଗମ ଏକତ୍ର ଭାବେ କାର୍ଯ୍ୟ କରୁଛନ୍ତି । ପ୍ରକଳ୍ପ ପାଇଁ ଆବଶ୍ୟକ ୯୨ ଏକର ଜମି ମିଳିସାରିଛି ଏବଂ

ଅବଶିଷ୍ଟ ୧୫ ଏକର ଜମି ଖୁବ୍ ଶୀଘ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ।

***BBSR/R***

## ଉତ୍ସାହ - ୨୦୨୪

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ୩୦ଟି ଜିଲ୍ଲାର ୫ ଶହ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ । ଏଥିରେ ୫୦ରୁ ଅଧିକ ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଛି । ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀମାନଙ୍କ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନପାଇଁ ମହକ ଓ ଉତ୍ସାହ ଏକ ପ୍ରକୃଷ୍ଟ ମଞ୍ଚ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ଧାବିକା ଶ୍ରାବଣୀ ନନ୍ଦ କହିଛନ୍ତି । ସେହିପରି ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି କହି ସେ ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

*Desk*

## ବି.ଜେ.ପି. ସାଙ୍ଗଠନିକ କର୍ମଶାଳା

ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ କର୍ମଶାଳା ଆଜି ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ରାଜ୍ୟ ଶାଖା ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସାଙ୍ଗଠନିକ ନିର୍ବାଚନ ଏବଂ ଦଳୀୟ ସଦସ୍ୟତା ନେଇ ବିସ୍ତୃତ ଆଲୋଚନା ହୋଇଛି। ବୁଥ୍‌ସ୍ତରରୁ ରାଜ୍ୟସ୍ତର ଯାଏଁ ସାଙ୍ଗଠନିକ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି ।

*Desk*

## ଦୁର୍ଘଟଣା

ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଏକ ଟ୍ରକ୍ କ୍ରମାଗତ ଦୁର୍ଘଟଣା ଘଟାଇବା ଫଳରେ ୪ ଜଣଙ୍କର ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି । ଟ୍ରକ୍‌ଟି ପ୍ରଥମେ ତିରିଙ୍ଗ ଥାନା ବଡ଼ଡଳିମା ଛକରେ ଦୁର୍ଘଟଣା ଘଟାଇଥିଲା । ଏଥିରେ ଜଣଙ୍କର ମୃତ୍ୟୁ ହେବା ସହ ୨ ଜଣ ଆହତ ହୋଇଥିଲେ । ପରେ ଟ୍ରକ୍‌ଟି ବହଳଦା ଥାନା ବାଗ୍‌ଡେଗାଠାରେ ଏକ ଅଟୋକୁ ଧକ୍କା ଦେଇଥିଲା । ଏଥିରେ ଅଟୋ ଚାଳକ ସମେତ ୩ ଜଣଙ୍କର

ମୃତ୍ୟୁ ହୋଇଥିଲା । ଆହତମାନଙ୍କୁ ଚିକିତ୍ସାପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପହଞ୍ଚି ପୁଲିସ୍ ମାମଲାର ତଦନ୍ତ କରୁଛି ।

***Desk***

## ଭିଜିଲାନ୍ସ ଏସ୍.ପି.

ଭିଜିଲାନ୍ସ ଏସ୍.ପି. ଅନୁପମା ଜେମ୍ସ କେନ୍ଦ୍ର ଡେପୁଟେସନରେ ଯିବେ । ୨୦୧୩ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆ.ପି.ଏସ୍. ଅନୁପମା ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ. ଏସ୍.ପି. ଭାବେ ଡେପୁଟେସନରେ ଯିବେ ବୋଲି ଜଣାପଡ଼ିଛି ।

***Kendrapara/R***

## ମିଶନ ବାତ୍ସଲ୍ୟ ଯୋଜନା

କେନ୍ଦ୍ରାପଡ଼ା ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ଅଧୀନରେ କାର୍ଯ୍ୟକାରୀ ହେଉଥିବା 'ମିଶନ ବାତ୍ସଲ୍ୟ' ଯୋଜନାର ପୃଷ୍ଠପୋଷକତା ହିତାଧିକାରୀମାନଙ୍କର ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୪୧ ଜଣ ନୂତନ ହିତାଧିକାରୀ ଭାଗନେବା ସହିତ ସେମାନଙ୍କୁ ଯୋଗାଇ

ଦିଆଯାଉଥିବା ସହାୟତା ରାଶିକୁ ସୁବିନିଯୋଗ ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଜିଲ୍ଲାରେ ଆଜି ସୁଦ୍ଧା ୨୧୩ ଜଣ ଦିବ୍ୟାଙ୍ଗଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

***Dhenkanal/R***

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଢେଙ୍କାନାଳସ୍ଥିତ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ୍ ୧୯୯ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ । ବିଶେଷଜ୍ଞମାନେ ଶିବିରରେ ଯୋଗଦେଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

***Boudh/R***

## ମା’ ଭୈରବୀ ମହୋତ୍ସବ

ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ପୁରୁଣାକଟକ ମିନି ଷ୍ଟାଡିୟମ୍‌ଠାରେ ଚତୁର୍ଥ ରାଜ୍ୟସ୍ତରୀୟ ମା’ ଭୈରବୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷ୍ୟେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

*Boudh/R*

# ବୌଦ୍ଧ ମହୋତ୍ସବ-ପ୍ରସ୍ତୁତି ବୈଠକ

ବୌଦ୍ଧଠାରେ ଆସନ୍ତା ବର୍ଷ ଜାନୁୟାରୀ ୨ ତାରିଖରୁ ୫ ଦିନ ଧରି ବୌଦ୍ଧ ମହୋତ୍ସବ ଅନୁଷ୍ଠିତ ହେବ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମହୋତ୍ସବକୁ ସଫଳ କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହୋତ୍ସବର ସୁପରିଚାଳନା ନିମନ୍ତେ କମିଟି ଗଠନ କରାଯିବା ସହ ଅଗ୍ନି-ନିରୋଧକ ବ୍ୟବସ୍ଥା, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

*Desk*

# ପାଣିପାଗ

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଆଜି ମଧ୍ୟ କୋହଲା ପାଗ ଜାରି ରହିଛି। ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ଆସନ୍ତା ୨ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ।

*****